


**State Progressive Women's Forum**



# ଆଜିର ନୂଆ ସମୟ (୨୦୧୩)ରେ ଆମ ଭଉଣୀମାନଙ୍କର ଚିନ୍ତାଭାବନା: ନୂଆ ଦିଗ ଓ କାର୍ଯ୍ୟକ୍ରମ

ଆମ ରାଜ୍ୟର ବାଳିକା, ଶିଶୁ ଓ କିଶୋରୀମାନଙ୍କୁ ବାଦଦେଲେ ବି ସଂଖ୍ୟାରେ ଆମେ ୧୫୦ ଲକ୍ଷ (ଦେଢ଼ କୋଟି)ରୁ ବେଶୀ । ଆମଭିତରୁ ଏକ ବଡ଼ଭାଗ କେବଳ ଘରକରଣାରେ ବନ୍ଧା । ପ୍ରାୟ ଦୁଇଲକ୍ଷ ମହିଳା ସରକାରୀ ଓ ଘରୋଇ ସଂସ୍ଥାରେ ଚାକିରୀ କରନ୍ତି । ଅତିବେଶିରେ ଅଧଲକ୍ଷ ମହିଳା ରାଜନୈତିକ ଓ ସାମାଜିକ କାର୍ଯ୍ୟକ୍ରମ ସହ ଅଳ୍ପ ବହୁତ ଜଡ଼ିତ । ଉଚ୍ଚପଦବୀରେ ଥିବା ମହିଳାଙ୍କ ସଂଖ୍ୟା ଏତେ କମ୍ ଯେ ଏହାକୁ ମୋଟ ମହିଳା ସଂଖ୍ୟାରେ ଶତକଡ଼ା କେତେ ବୋଲି ପ୍ରକାଶ କରିବା କଷ୍ଟକର ହେବ । ସେହି ଅନୁପାତରେ ସାମାଜିକ ରାଜନୈତିକ କ୍ଷେତ୍ରରେ ଆମର ଭାଗିଦାରୀ ଏବଂ ପ୍ରଭାବ ମଧ୍ୟ ଖୁବ୍ ସାମାନ୍ୟ ।

ତେବେ ଆର୍ଥିକ କ୍ଷେତ୍ରରେ ବିଶେଷକରି ପାରିବାରିକ ଅର୍ଥନୀତିକୁ ମହିଳାଙ୍କ ଯୋଗଦାନ ଅନେକ ବେଶୀ । ସ୍ୱୟଂ ସହାୟକ ମହିଳା ଦଳ, ମିଶନଶକ୍ତି ଓ ଅନ୍ୟ ଉତ୍ପାଦନ-ବିକ୍ରୟ-ରୋଜଗାର କ୍ଷେତ୍ରରେ ଅଧିକରୁ ଅଧିକ ମହିଳାଙ୍କ ଯୋଗଦାନ ଏକ ନୂଆ ଭରସା ଓ ବାତାବରଣ ଆଣିଛି । ବଡ଼କଥା ହେଲା, ଆଜିର ଓଡ଼ିଶାରେ ବର୍ଷକୁ ପ୍ରାୟ ତିନି ଲକ୍ଷ ଝିଅ ମାଟ୍ରିକ, ଉଚ୍ଚ ମାଧ୍ୟମିକ ଓ ଡିଗ୍ରୀପରୀକ୍ଷାରେ ପାଶକରି ଓଡ଼ିଶାର ମହିଳା ସାକ୍ଷରତା ଓ ଶିକ୍ଷା ଅଗ୍ରସରତା ସ୍ତରକୁ ଉପରକୁ ଉଠାଉଛନ୍ତି । ଏ ପ୍ରକାର ସ୍ଥିତିରେ ଯେଉଁ ବିଶେଷ ଗୁରୁତ୍ୱପୂର୍ଣ୍ଣ କଥାଟି ମନକୁ ଆସେ ତାହା ହେଉଛି 'ସଂଗଠନ', ମହିଳାମାନଙ୍କର ସଂଗଠନ । ଅଲଗା ଅଲଗା କ୍ଷେତ୍ରରେ ଥିବା ବା କାର୍ଯ୍ୟରତ ମହିଳାମାନଙ୍କର ସଂଗଠନ ତ ହେବ (ହୋଇଥିଲେ ଅଧିକ ବ୍ୟାପକ ଓ ଦୃଢ଼ତର ହେବ) ସଂଗଠନ ବାହାରେ ଥିବା ସମସ୍ତଙ୍କୁ ସଂଗଠିତ କରିବାକୁ ହେବ । 'ଦଳ'ରେ ହିଁ 'ବଳ' । ଆଉ ବଳଶାଳୀ ହେବାର ପ୍ରକ୍ରିୟାରୁ ନିଜେ ଦୂରରେ ରହିବା ବା କାହାକୁ ଦୂରେଇ ରଖିବା କାହାପକ୍ଷରେ ବୁଦ୍ଧିମାନର କାର୍ଯ୍ୟହେବ ନାହିଁ ।

ଏହି ପ୍ରସଙ୍ଗରେ ମହିଳାଙ୍କର ସାମଗ୍ରିକ ସ୍ଥିତିକୁ ନେଇ କିଛି ଅଧିକ ଆଲୋଚନା କରିବାର ଆବଶ୍ୟକତା ଅଛି ।

## ନାରୀର ବ୍ୟକ୍ତି ମର୍ଯ୍ୟାଦା:

ସୁଖକର ଓ ବିବାଦମୁକ୍ତ ପାରିବାରିକ ଜୀବନ ବଂଚୁଥିବା ମହିଳାଙ୍କର ସ୍ୱାମୀ ଜଣଙ୍କ ସହଯୋଗୀ ବା ଉଦାରମନୋଭାବର ହୋଇଥିଲେ ମଧ୍ୟ ନିଜର କର୍ତ୍ତାପଣରେ ତାହାକୁ (ସ୍ତ୍ରୀକୁ) ଭାଗୀଦାର କରାନ୍ତି ନାହିଁ । 'ଏକ ଅଭାବମୁକ୍ତ ଓ ନିରାପଦରେ କିଛି ସ୍ୱାଧୀନତା ପାଇ ବଂଚିଯିବା ଜଣେ ସ୍ତ୍ରୀ ପକ୍ଷରେ ଯଥେଷ୍ଟ' ଏହି ଭଳି ଏକ ଦୃଢ଼ ଧାରଣାଟିଏ ସେ(ସ୍ୱାମୀ) ଧରି ରଖିଥାନ୍ତି । ଗୁରୁତ୍ୱପୂର୍ଣ୍ଣ କାମରେ ନିର୍ଣ୍ଣୟନେବାରେ ସ୍ତ୍ରୀଙ୍କର ଯୋଗଦାନ ସେ ଆଶାକରନ୍ତି ନାହିଁ । ଶ୍ରମ-ଉତ୍ପାଦନ-ଉପାର୍ଜନରେ ସମୟ ଦେଉଥିବା ମହିଳାଙ୍କ କ୍ଷେତ୍ରରେ ମଧ୍ୟ ସେହି ଏକା ସ୍ଥିତି ।

## ଆମର ସାମାଜିକ-ରାଜନୈତିକ ସ୍ଥିତି:

ଆଜି ଦିନରେ ବି ନାରୀକୁ/ଆମମାନଙ୍କୁ ନେଇ ସେଇ ପୁରୁଣା ଧାରଣା ଓ ବିଚାରଟି ଅଛି ଯେ ନାରୀର କୋମଳ ହୃଦୟଟିଏ ଅଛି; ଆଉ ସମସ୍ତଙ୍କର ସମସ୍ତ ପ୍ରକାର ସେବା କରିବାପାଇଁ ସଦାପ୍ରସ୍ତୁତ ହାତଯୋଡ଼ିଏ ଅଛି; ମାତ୍ର ନିଷ୍ପତ୍ତି ନେଇ ପାରିବା ଭଳି ନେତୃତ୍ୱ ନେବା ଭଳି ମୁଣ୍ଡ ନାହିଁ । ଆମମାନଙ୍କ ପକ୍ଷରୁ ମଧ୍ୟ ଯୋଗ୍ୟ ଉଦ୍ୟମ ନାହିଁ, ସଂଗଠିତ ଉଦ୍ୟମ ନାହିଁ ଯାହାବଳରେ ନିଷ୍ପତ୍ତିକାରୀ ହେବାପାଇଁ; ପରିବାର ମଧ୍ୟରେ ଓ ବୃହତ୍ତର ସମାଜରେ । ଯାହା କିଛି ଉଦ୍ୟମ ଅଛି,ତାହା ଅତି ସୀମିତ । ଆମକୁ ସବଳତା ଅର୍ଜନ କରିବାକୁ ପଡ଼ିବ ଏବଂ ଆମର ସଂକୁଚିତ ସ୍ଥିତିକୁ ବଦଳାଇ ପ୍ରସାରିତ କରିବାକୁ ପଡ଼ିବ ।

ସଂଗଠିତ ହେବା କାମ ଆମେ ଆରମ୍ଭ କରିଦେଇଛନ୍ତି । ସ୍ଥାନୀୟ ମହିଳା ଦଳ, ସ୍ୱୟଂ ସହାୟକ ଦଳ, ବାଳିକା/କିଶୋରୀ ମଣ୍ଡଳ ଇତ୍ୟାଦିରେ ସଭ୍ୟାପଦ ଅନେକ ଝିଅ ଭଉଣୀ ନେଇ ସାରିଛନ୍ତି । ତେବେ ରାଜ୍ୟର ସବୁ ଅଂଚଳରେ ମହିଳାମାନଙ୍କର ଦଳଭୁକ୍ତ ହେବା ବା ଗୋଷ୍ଠୀ ତିଆରି ହେବା କେବଳ କିଛି ଆର୍ଥିକ ଲକ୍ଷ୍ୟ ନେଇ ହୋଇଥିବା ଦେଖାଯାଏ । ସେଥିରେ ପୁଣି ନାମକୁ ମାତ୍ର ବା ନିରୁତ୍ସାହୀ ସଭ୍ୟାପଦ ଅନେକ । କିଛିଟା ଉତ୍ସାହୀମାନେ କିଛି କିଛି ସଂଚୟ-ଋଣ-ଉତ୍ପାଦନ ଉଦ୍ୟମ ଓ କାରବାରରୁ ଅଳ୍ପକିଛି ଆୟ କରିଥାନ୍ତି ; ଏହଠି ନିଜପାଇଁ ସୀମାରେଖା ଟାଣି ଦେଇଥାନ୍ତି । ବେଳେ ବେଳେ ତ ଅନେକ କାରଣରୁ ଦଳଗତ କାମଟି/ଉଦ୍ୟମଟି ଦୁର୍ବଳ ହୋଇଯାଏ, ଏପରିକି କାଗଜରେ ଥିଲେ ବି ଅସଲରେ 'ଦଳର ବଳ' ନ ଥାଏ ।

ଆର୍ଥିକ ଜୀବନଠାରୁ ସାମାଜିକ ଜୀବନ ବେଶ୍ ବଡ ଓ ଗୁରୁତ୍ୱପୂର୍ଣ୍ଣ । 'ଦଳରେ ବଳ - ଦଳରୁ ବଳ' କଥାଟିକୁ ଧ୍ୟାନ ଦେଇ ଆମେ ଦଳଟିକୁ ଦୃଢ଼ କରିବା । ଆମ ଭିତରୁ ସର୍ବାଧିକ କର୍ମଠ ସାଥୀଙ୍କୁ ଦଳପତି କରିବା, ଆମଦଳ ଏବଂ ନାରୀଜାତିର ସ୍ୱାର୍ଥ, ଉନ୍ନତି ଲକ୍ଷ୍ୟରେ ଦଳର କର୍ମପନ୍ଥା ସ୍ଥିର କରିବା, ଦଳପତିଙ୍କ ନେତୃତ୍ୱକୁ ଯଥାମାନ୍ୟ କରି ଦଳର କାର୍ଯ୍ୟକ୍ରମକୁ ଆଗକୁ / ଉପରକୁ ନେବା; ପୁଣି ଦଳର ସୁଫଳକୁ ଅଂଶୀଦାରଭାବେ ଭୋଗକରିବା ।

## ଆଜିର ସମାଜିକ-ରାଜନୈତିକ କ୍ଷେତ୍ରରେ ଆମର ଅଂଶଗ୍ରହଣ:


ଯାହାକୁ ପବ୍ଲିକ୍ ବା ସର୍ବସାଧାରଣ କ୍ଷେତ୍ରବୋଲି କୁହାଯାଉଛି, ସେଥିରେ ମହିଳାଙ୍କ ସଂଖ୍ୟା କିଛି ଦେଖାଯାଉଥିଲେ ବି ତାହା ଯଥାର୍ଥରେ ଯୋଗଦାନ ବା ଅଂଶଗ୍ରହଣ ନୁହେଁ । ସମାମାଜିକ କାର୍ଯ୍ୟରେ ମହିଳାଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି; କେତେକ ନେତୃସ୍ଥାନୀୟ ବ୍ୟକ୍ତି ତ କହନ୍ତି ଯେ ସେମାନେ ସର୍ବସାଧାରଣ କାର୍ଯ୍ୟ/ସଭାସମିତିରେ ମହିଳା ଉପସ୍ଥିତି ଯୋଗାଡ କରୁଛନ୍ତି । ଏପରି ସ୍ଥଳେ ମହିଳାଟିକୁ କେବଳ 'ଶୋଭାବର୍ଦ୍ଧନକାରୀ' ଭାବେ ଉପସ୍ଥାପନ କରାଯାଉଛି । ଅତି କେଶୀରେ କିଛି 'ଲଘୁ ପଦବୀ/ଦାୟିତ୍ୱ ସଂପାଦନକାରୀ' ଭାବେ ଉପସ୍ଥାପନ କରାଯାଉଛି । ମହିଳାଙ୍କର ଉତ୍ଥାନ ପ୍ରସଙ୍ଗରେ ସଂରକ୍ଷଣର ଭୂମିକା ନିଶ୍ଚୟ ଅଛି । କିନ୍ତୁ ଏହାର ପ୍ରୟୋଗ ବ୍ୟବସ୍ଥାଟି ଗୋଟିଏ ଛାଂଚ ମାତ୍ର ହୋଇଯାଉଛି । ପଂଚାୟତିରାଜ ବ୍ୟବସ୍ଥା ହେଉଛି ସ୍ଥାନୀୟ ଶାସନ; ଏଥିରେ ୫୦ ପ୍ରତିଶତ ଅର୍ଥାତ୍ ଅଧାପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି । ପଦବୀକୁ ଗଲେ 'ସ୍ୱାକ୍ଷର-କ୍ଷମତା' ତ ମିଳିଛି; ପଦଯୋଗ୍ୟ ନିଷ୍ପତ୍ତିଗତ କ୍ଷମତା ତଥାପି ବି ପରନିର୍ଭର ହୋଇ ରହିଛି; ଖୁବ୍ କମ୍ କ୍ଷେତ୍ରରେ ଏହାର ସାର୍ଥକତା ଦେଖିବାକୁ ମିଳୁଛି । 'ନୂଆ ବ୍ୟବସ୍ଥା: ମହିଳାମାନେ ନୂଆକରି ଏଥିରେ ସାମିଲ ହେଉଛନ୍ତି' ଏକଥା ଆଉ ଅଧିକ ଦିନ କହିହେବ ନାହିଁ । ସାମାଜିକ-ରାଜନୈତିକ, ଶିକ୍ଷା-ଜାଗରଣ ଓ ସଂଗଠନରେ ଦୃଢ଼ତା ମାଧ୍ୟମରେ ଆମକୁ ମିଳିଥିବା ସୁଯୋଗ ଓ ସମୟର ସଠିକ୍ ବ୍ୟବହାର କରିବାକୁ ହେବ । କେଉଁ ଦଳ, ବିଶେଷକରି ରାଜନୈତିକ ଦଳ, ଆମର ସମର୍ଥକ/ସହାୟକ ତାହା ବଡ କଥା ନୁହେଁ; ଯାହା ସତରେ ବଡ଼କଥା ତାହାକୁ ଦୁଇ ଭାଗରେ ଦେଖାଯାଇପାରେ: (୧) ଆମେ କାହାର ପ୍ରତିନିଧିତ୍ୱ କରୁଛୁ ? ଆମ ଦଳକୁ/ଆମ ଭୋଟର ବା ସମର୍ଥକଙ୍କୁ; ନା ସାମଗ୍ରିକ ଭାବେ ନାରୀଜାତିକୁ, ଆମ ବୃହତ୍ତର ଜନସମାଜକୁ ? ? ଏହିକଥାକୁ ନେଇ ଦ୍ୱିବିଧା ବା ସନ୍ଦେହରେ ପଡିଲେ ସମାଧାନ ବା ଉତ୍ତର ଖୋଜନ୍ତୁ ନିଜ ସାଥୀମେଳରୁ, ମହିଳା ଦଳ/ସଂଘ/ମହାସଂଘରୁ । ପ୍ରଥମେ ତ କଥା କହିବାକୁ ଆରମ୍ଭ କରନ୍ତୁ । ଅନ୍ୟକୁ ଶୁଣନ୍ତୁ, ପରସ୍ପର ବିଚାର/ଅଭିଜ୍ଞତାରୁ ଦରକାରୀ ଜିନିଷ ଗ୍ରହଣ କରନ୍ତୁ, 'ଜାଣତା' ହୁଅନ୍ତୁ; ନିଜର ଏକ ସାମାଜିକ/ନାଗରିକ ମତ ନିର୍ମାଣ କରନ୍ତୁ ।

ଜାଣିବାର ଆଗ୍ରହ ନିୟମିତ ବିଚାର-ବିନିମୟ ଅଭ୍ୟାସରୁ ବଢ଼ିଥାଏ । ବଡମେଳା/ସମ୍ମିଳନୀ/କର୍ମଶାଳା/ଆଲୋଚନାରୁ ଆମର ଜ୍ଞାନ ବଢ଼ାଇଚାଲିଲେ ଆମର ଅଜଣା( ଜାଣି ନାହିଁ) ବୋଲି ଯେ ଅବସ୍ଥା ତାହା ରହିବ ନାହିଁ । ଏବଂ ଏହି ପ୍ରକାର ଜ୍ଞାନ ସହ କାମ କରିଚାଲିଲେ ଆମର ଗଣନା ଉପଯୁକ୍ତ ଭାବେ, ଉପଯୁକ୍ତ ମର୍ଯ୍ୟାଦାରେ ହେବ । ପୁଣି ଅଂଚଳ/ଜିଲ୍ଲା/ରାଜ୍ୟସ୍ତରୀୟ ବଡଦଳରେ ସହୀଭାବେ ଆମର ମନୋବଳ ତ ବଢ଼ିବ, ଶକ୍ତି ମଧ୍ୟ ବଢ଼ିବ । ( ଏହା ଏକ ଲୁହା କଥା ନୁହେଁ, ଏହା ଏକ ବାସ୍ତବତା) । ନିଜ ଅନୁଭବରୁ ମଧ୍ୟ ଏହା ପ୍ରତି ଭଉଣୀଙ୍କ କ୍ଷେତ୍ରରେ ପ୍ରମାଣିତ ହେବ ।

ଏଇ ପ୍ରସଙ୍ଗରେ ଗୋଟିଏ ବଡ ସତର୍କତା ହେବ - ନାରୀମଂଗଳ ବା ମହିଳା ବିକାଶ ନାମରେ ଚାଲିଥିବା ସରକାରୀ ଯୋଜନା, ରାଜନୈତିକ କାର୍ଯ୍ୟକ୍ରମ ସବୁ । ମହିଳା-ସହାୟକ ଯୋଜନା ଗୁଡିକର ତ ଆମେ ହିତାଧିକାରୀ । ଏହା ଅନ୍ତର୍ଗତ ସୁବିଧା-ସୁଯୋଗ ପାଇବା ତ ଆମ ଅଧିକାର; ଏହା କେଉଁ ବ୍ୟକ୍ତି ବା ପଦବୀର ଦୟା ନୁହେଁ; ଏକଥା ଦୃଢ଼ଭାବେ ଜାଣିରଖିବା ଦରକାର ।

ଅତଏବ ନିଜର ଶିକ୍ଷା ଓ ବ୍ୟକ୍ତିତ୍ୱ ବିକାଶ ପ୍ରତି ବିଶେଷ ଧ୍ୟାନ ଦେବା ସଂଗେ ସଂଗେ ବୃହତ୍ତର ମହିଳା ସଂଗଠନ ସହ ଜଡିତ ରହିବା, ନିଜର ଏବଂ ଦଳମାନ ପ୍ରତିଷ୍ଠା ଲକ୍ଷ୍ୟରେ କାମ କରିବା ଆଜି ଦିନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆଜିର ଦିନରେ ଆହ୍ୱାନ ହେଲା ସମଗ୍ର ନାରୀ ସମାଜ ଓଡ଼ିଶାର ଏହି ବୃହତ୍ତର ମଂଚରେ ଏକାଠି ହୁଅନ୍ତୁ । ନିଜର ସମାଜିକ ଓ ବ୍ୟକ୍ତିଗତ ସ୍ଥିତି ଜାହିର କରିବା ସହିତ ନାରୀ ସମାଜର ସାମଗ୍ରିକ ଉନ୍ନତିରେ ନିଜକୁ ସାମିଲ୍ କରନ୍ତୁ ।

## କାହିଁକି ଆବଶ୍ୟକ ପଡିଲା ଦଳରୁବଳ, ଦଳରେ ବଳ




୧- ନାରୀର ବ୍ୟକ୍ତିଗତ ମର୍ଯ୍ୟାଦା କ୍ଷୁର୍ଣ୍ଣ
୨- ନାରୀର ସାମାଜିକ-ରାଜନୈତିକ ସ୍ଥିତି ବିପନ୍ନ
୩- ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଭାଗୀଦାରୀର ଆବଶ୍ୟକତା
୪- ସାମାଜିକ ଓ ରାଜନୈତିକ ଶକ୍ତି ଅର୍ଜନ
୫- ମୁଁ (ନାରୀ) ଅଲଣା ବା ଅଲୋଡା ନୁହେଁ ଏହି ସମ୍ବାଦ ସମାଜକୁ ପ୍ରେରଣ ।



ସାଂଗଠନିକ ଅଭିବାଦନ ଓ ଶୁଭେଚ୍ଛା ସହ
ମମତା ସାମନ୍ତରାୟ
ଚେୟାରପର୍ସନ,
ଷ୍ଟେଟ୍ ପ୍ରୋଗ୍ରେସିଭ୍ ୱୋମେନ୍ସ ଫୋରମ
Mobile :9437073571
E-mail: spwf.odisha@gmail.com,
Website: www.spwfodisha.org